# NATIONAL NEWS BULLETIN (ODIA)

**16 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶରେ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ଲାଗି ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି- କହିଲେ ପ୍ରଧାନମନ୍ତ୍ରୀ ।

- ଦେଶର ୭ଟି ବିମାନ ବନ୍ଦରରେ ଆଜିଠାରୁ ଆରମ୍ଭ ହେବ ଫାଷ୍ଟଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ କାର୍ଯ୍ୟକ୍ରମ ।

- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହ ଆଜି ସଂଧ୍ୟାରେ ସାକ୍ଷାତ୍ ଆଲୋଚନା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଇତିହାସ ରଚିଲା ଇସ୍ରୋ; ସଫଳତାର ସହ ଶେଷ ହେଲା ଉପଗ୍ରହ ସଂଯୋଗୀକରଣ ପ୍ରକ୍ରିୟା ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି କଳିଙ୍ଗ ଲାନ୍‌ର୍ସସ୍ ଓ ଏସ୍.ଜି. ପାଇପର୍ସ୍ ଏବଂ ମହିଳା ବର୍ଗରେ ବେଙ୍ଗଲ୍ ଟାଇଗର୍ସ୍ ଓ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ହେବ ମୁକାବିଲା ।

# ପିଏମ୍-ଷ୍ଟାର୍ଟଅପ୍ ଇଣ୍ଡିଆ

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ ଆଜି ୯ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶରେ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ଲାଗି ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଗତ ୯ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ରୂପାନ୍ତରଣ କାର୍ଯ୍ୟକ୍ରମ ଦ୍ୱାରା ଅଗଣିତ ଯୁବବର୍ଗ ସଶକ୍ତ ହୋଇପାରିଛନ୍ତି । ସେମାନଙ୍କର ଅଭିନବତ୍ୱ ପ୍ରତିଭା ସଫଳ ଷ୍ଟାର୍ଟଅପ୍‌ରେ ପରିଣତ ହୋଇପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ସରକାରଙ୍କ ନୀତି କାର୍ଯ୍ୟକୁ ସହଜ ଓ ସରଳ କରିବା ଉପରେ ପର୍ଯ୍ୟବେଶିତ । ପ୍ରତ୍ୟେକ କ୍ଷେତ୍ରରେ ଆନୁଷଙ୍ଗିକ ବ୍ୟବସ୍ଥାକୁ ଆପଣାଇ ଷ୍ଟାର୍ଟଅପ୍ ଗୁଡ଼ିକୁ ସଫଳତାର ଶୀର୍ଷରେ ପହଞ୍ଚାଇବାର ସରକାରଙ୍କ ଲକ୍ଷ୍ୟ ରହିଛି । ସରକାର ସର୍ବଦା ସକ୍ରିୟଭାବେ ନବସୃଜନକୁ ପ୍ରୋତ୍ସାହିତ କରି ଆସୁଛନ୍ତି । ଫଳରେ ଦେଶର ଯୁବଶକ୍ତି ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସାହସ ସଞ୍ଚୟ କରିପାରୁଛନ୍ତି । ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଷ୍ଟାର୍ଟଅପ୍ ଇଣ୍ଡିଆର ସଫଳତା କାର୍ଯ୍ୟକ୍ରମ ଯୋଗୁଁ ଦେଶ ଆଜି ଏକ ସକ୍ରିୟ ଆସ୍ଥାଭାଜକ ଏବଂ ଭବିଷ୍ୟତ ଗଠନ ପାଇଁ ପ୍ରସ୍ତୁତ ହୋଇପାରିଛି । ପ୍ରଧାନମନ୍ତ୍ରୀ ସମସ୍ତ ଯୁବବର୍ଗଙ୍କୁ ଷ୍ଟାର୍ଟଅପ୍‌କୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ।

ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନର ଉଦ୍ଦେଶ୍ୟ ହେଉଛି – ଷ୍ଟାର୍ଟଅପ୍‌କୁ ଉତ୍ସାହିତ କରି ଦେଶରେ ଉଦ୍ଭାବନ ଏବଂ ଉଦ୍ୟୋଗ ପାଇଁ ଏକ ଶକ୍ତିଶାଳୀ ଇକୋ ସିଷ୍ଟମ୍ ନିର୍ମାଣ କରିବା ।

ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଅନ୍ତର୍ଗତ ଚାକିରି ଖୋଜୁଥିବା ଲୋକଙ୍କ ପରିବର୍ତ୍ତେ ଦେଶରେ ନିଯୁକ୍ତି ସୃଷ୍ଟିକାରୀ ବୃଦ୍ଧି କରିବା ଉଦ୍ଦେଶ୍ୟ ରହିଛି ।

ଗତ ୯ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ ଦେଶରେ ଏକ ଦୃଢ଼ ଇକୋ ସିଷ୍ଟମ୍ ଗଠନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭାରତ ୧ ଲକ୍ଷ ୫୯ ହଜାରରୁ ଅଧିକ ଷ୍ଟାର୍ଟଅପ୍ ସହ ବିଶ୍ୱର ତୃତୀୟ ବୃହତମ ଇକୋ ସିଷ୍ଟମ୍ ଭାବେ ସଫଳତା ହାସଲ କରିଛି । ବିଭିନ୍ନ କ୍ଷେତ୍ରରେ ୧୬ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଛି । ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନକୁ ସହଜ ଓ ସରଳ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଅନେକ ଗୁଡ଼ିଏ ଯୋଜନା ଆରମ୍ଭ କରାଯାଇଛି । ସରକାର ପାଣ୍ଠି ଯୋଗାଇବା, ବଜାର ବ୍ୟବସ୍ଥା କରିବା ଏବଂ ବିଭିନ୍ନ ଅସୁବିଧାର ସମାଧାନ କରିବା ନିମନ୍ତେ ସ୍ଥାୟି ବ୍ୟବସ୍ଥା କରିଛନ୍ତି ।

## ଶାହା-ଇମିଗ୍ରେସନ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶର ୭ଟି ବିମାନ ବନ୍ଦରରେ ଆଜି ଫାଷ୍ଟଟ୍ରାକ୍ ଇମିଗ୍ରେସନ-ଟ୍ରଷ୍ଟେଡ ଟ୍ରାଭେଲର୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହି ବିମାନ ବନ୍ଦର ଗୁଡ଼ିକ ହେଉଛି ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚିନ ଏବଂ ଅହମ୍ମଦାବାଦ ।

ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଇମିଗ୍ରେସନ୍ ସୁବିଧା ଯୋଗାଇ ଦେଇ ଆନ୍ତର୍ଜାତିକ ଭ୍ରମଣକୁ ସହଜ, ସୁଗମ ଓ ସୁରକ୍ଷିତ କରିବା ଦିଗରେ ଏହି ବ୍ୟବସ୍ଥା କାର୍ଯ୍ୟ କରିବ । ଭ୍ରମଣକାରୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଏଥିଲାଗି ପଞ୍ଜିକରଣ କରିପାରିବେ । ଗୃହ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଆବେଦନକାରୀମାନେ **ftittp.mha.gov.in** ପୋର୍ଟାଲ୍‌ରେ ସମ୍ପୂର୍ଣ୍ଣ ବିବରଣି ଓ ଦସ୍ତାବିଜ୍ ଦାଖଲ କରିବେ । ପରେ ପଞ୍ଜିକୃତ ଆବେଦନକାରୀଙ୍କ ବାୟୋମେଟ୍ରିକ୍ ତଥ୍ୟ ବିଦେଶୀ ଆଞ୍ଚଳିକ ପଞ୍ଜିକରଣ କାର୍ଯ୍ୟାଳୟ କିମ୍ବା ବିମାନ ବନ୍ଦରରେ ସଂଗ୍ରହ କରାଯିବ ।

ପଞ୍ଜିକୃତ ଯାତ୍ରୀମାନଙ୍କୁ ଇ-ଗେଟ୍‌ରେ ସେମାନଙ୍କ ଏୟାର୍‌ଲାଇନ୍ ବୋର୍ଡିଂ ପାଶ୍ ସ୍କାନ୍ କରିବା ପରେ ପାସ୍‌ପୋର୍ଟ୍ ସ୍କାନ୍ କରିବାକୁ ପଡ଼ିବ । ଉଭୟ ଆଗମନ ଏବଂ ପ୍ରସ୍ଥାନ ସମୟରେ ଯାତ୍ରୀମାନଙ୍କ ବାୟୋମେଟ୍ରିକ୍ ତଥ୍ୟ ଇ-ଗେଟ୍‌ରେ ଯାଞ୍ଚ କରାଯିବ । ଏହି ପ୍ରମାଣିକରଣ ଥରେ ସଫଳ ହେବା ପରେ ଇ-ଗେଟ୍ ସ୍ୱତଃ ଖୋଲିବ ଏବଂ ଏହାକୁ ଇମିଗ୍ରେସନ୍ ମଞ୍ଜୁରୀ ପ୍ରଦାନ ବୋଲି ବିବେଚନା କରାଯିବ । ଦେଶର ୨୧ଟି ପ୍ରମୁଖ ବିମାନ ବନ୍ଦରରେ **FTITTP** ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଗତବର୍ଷ ଜୁନ୍‌ରେ ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ବିମାନବନ୍ଦରର ଟର୍ମିନାଲ-୩ରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ।

# ଜଷ୍ଟିସ ଓଥ୍

ସୁପ୍ରିମକୋର୍ଟର ବିଚାରପତି ଭାବେ ଆଜି ଜଷ୍ଟିସ କେ. ବିନୋଦ ଚନ୍ଦ୍ରନ ଶପଥଗ୍ରହଣ କରିଛନ୍ତି । ପ୍ରଧାନ ବିଚାରତି ସଞ୍ଜିବ ଖାନ୍ନା' ଜଷ୍ଟିସ ଚନ୍ଦ୍ରନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କ୍ରମେ ଗତ ସୋମବାର କେନ୍ଦ୍ର ପକ୍ଷରୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଥିବା ଜଷ୍ଟିସ ଚନ୍ଦ୍ରନଙ୍କ ନିଯୁକ୍ତିକୁ ଅନୁମୋଦନ କରାଯାଇଥିଲା ।

# ପ୍ରେଜ୍ ସିଙ୍ଗାପୁର ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ସିଙ୍ଗାପୁରର ରାଷ୍ଟ୍ରପତି ଥରମନ୍ ଶାନ୍ମୁଗରତ୍ନମ୍ଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଛନ୍ତି । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଉପସ୍ଥିତ ଥିଲେ । ଗଣମାଧ୍ୟମକୁ ସମ୍ବୋଧିତ କରି ସିଙ୍ଗାପୁର ରାଷ୍ଟ୍ରପତି ଥରମନ୍ ଶାନ୍ମୁଗରତ୍ନମ୍ କହିଛନ୍ତି ଯେ ଉଭୟ ଦେଶ ସ୍ଥାୟିତ୍ୱ ଏବଂ ଡିଜିଟାଲ କ୍ଷେତ୍ରରେ ନୂତନ ଅନୁସନ୍ଧାନ ଜାରି ରଖିଛନ୍ତି । ଗୁଜୁରାଟର ଗିଫ୍ଟ ସିଟି ଏବଂ ସିଙ୍ଗାପୁର ମଧ୍ୟରେ ଅର୍ଥିକ ଅନୁଷ୍ଠାନ ପାଇଁ ଡାଟା କରିଡର ଏବଂ ଉଭୟ ଦେଶ ମଧ୍ୟରେ ଅକ୍ଷୟଶକ୍ତି କରିଡରର ସ୍ଥାପନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି । ଉଭୟ ଦେଶ ବର୍ତ୍ତମାନ ବ୍ୟାରପକ ରଣନୈତିକ ଭାଗିଦାରୀ କ୍ଷେତ୍ରକୁ ଉନ୍ନତ କରିବା ପାଇଁ ଆଗ୍ରହୀ । ସେମି କଣ୍ଡକ୍ଟର

ନିର୍ମାଣ ଏବଂ ନେଟ୍ ଜିରୋ ଇଣ୍ଡଷ୍ଟ୍ରିଆଲ ପାର୍କରେ ସହଯୋଗ ଆଦି କ୍ଷେତ୍ରରେ ନୂତନ ପଦକ୍ଷେପ ଅନୁସନ୍ଧାନ ପାଇଁ ଚାହୁଁଛନ୍ତି ।

ଶ୍ରୀ ଥରମନ୍ କହିଛନ୍ତି ଉଭୟ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ସମ୍ପର୍କ ବଜାୟ ରହିଛି । ୧୯୬୫ ମସିହାରେ ସିଙ୍ଗାପୁରର ସ୍ୱାଧୀନତାକୁ ସ୍ୱୀକୃତି ପ୍ରଦାନ କରିଥିବା ଅଳ୍ପକେତୋଟି ଦେଶ ମଧ୍ୟରେ ଭାରତ ଅନ୍ୟତମ ଏବଂ ସେହିଦିନ ଠାରୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧିପାଇଛି । ଶ୍ରୀ ଥରମନ୍ ରାଜଘାଟ ଯାଇ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ରାଷ୍ଟ୍ରପତି ଶ୍ରୀ ଥରମନ୍ ଆଜି ସଂଧ୍ୟାରେ ରାଷ୍ଟ୍ରପତି ବଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ତାଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲିଠାରୁ ଚଳିତମାସ ୧୮ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥରମନ୍ ଓଡ଼ିଶା ଗସ୍ତରେ ଆସିବେ ।

## ଇସ୍ରୋ-ସ୍ୱାଡେକ୍ସ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଆଜି ସ୍ୱାଡେସ୍କ ମିଶନ ଅଧୀନରେ ଦୁଇଟି ସାଟେଲାଇଟ୍‌ର ଡକିଂ ସଫଳତାର ସହ ଶେଷ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପଗ୍ରହର ମହାକାଶ ଡକିଂର ସଫଳ ପ୍ରଦର୍ଶନ ପାଇଁ ଇସ୍ରୋର ବୈଜ୍ଞାନିକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆଗାମୀ ବର୍ଷ ଗୁଡ଼ିକରେ ଦେଶର ମହତ୍ୱାକାଂକ୍ଷୀ ମହାକାଶ ଅଭିଯାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହା ଏକ ସଂପୂର୍ଣ୍ଣ ସ୍ୱଦେଶୀ ଭାରତୀୟ ଡକିଂ ସିଷ୍ଟମ ବୋଲି ଡକ୍ଟର ସିଂହ ଅଭିହିତ କରିଛନ୍ତି । ଏହି ଅଭିଯାନ ଦ୍ୱାରା ଭାରତୀୟ ଅନୁସନ୍ଧାନ ଷ୍ଟେସନ ଚନ୍ଦ୍ରଯାନ-୪ ଏବଂ ଗଗନଯାନ ସମେତ ସମସ୍ତ ଭବିଷ୍ୟତ ଅଭିଯାନ ଗୁଡ଼ିକ ସୁରୁଖୁରୁରେ ପରିଚାଳିତ ହେବ ବୋଲି ଡକ୍ଟର ସିଂହ ଗୁରୁତ୍ୱାରୋପ କରିଛନ୍ତି ।

## ଇସିଆଇ-ଆଡଭାଇଜରୀ

ନିର୍ବାଚନ ସମୟରେ କୃତ୍ରିମ ବୁଦ୍ଧିମତା ଏବଂ ସିନ୍ଥେଟିକ୍ କଣ୍ଟେଣ୍ଟ ଦ୍ୱାରା ସେୟାର କରାଯାଉଥିବା ପ୍ରମୁଖ ଲେବଲିଂ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ବାଚନ ଆୟୋଗ ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗ ପକ୍ଷରୁ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ମାର୍ଗଦର୍ଶିକା ଜାରି କରାଯାଇ କୁହାଯାଇଛି ଯେ ଦଳୀୟ ପ୍ରଚାରକମାନଙ୍କୁ ଅନ୍‌ଲାଇନ୍‌ରେ ପ୍ରସାରିତ ବିଜ୍ଞାପନ ଏବଂ ପ୍ରଚାର ବିଷୟବସ୍ତୁ ଗୁଡ଼ିକରେ ସ୍ୱ-ଘୋଷଣାନାମା ସାମିଲ କରିବାକୁ ପଡିବ । ନିର୍ବାଚନ ଆୟୋଗ ପକ୍ଷରୁ

ଆହୁରି ମଧ୍ୟ କୁହାଯାଇଛି ଏହିଭଳି ବିଷୟବସ୍ତୁ ଗୁଡ଼ିକରେ ଏଆଇ ଜେନେରେଟେଡ କିମ୍ବା ଡିଜିଟାଲ ଭାବରେ ଉନ୍ନତ କିମ୍ବା ବିଷୟବସ୍ତୁ ଗୁଡ଼ିକରେ ସଂକେତ ଚିହ୍ନ ବ୍ୟବହାର କରିବା ଜରୁରୀ । ଗତ ଲୋକସଭା ନିର୍ବାଚନ ସମୟରେ ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଆଧାର କରି ଆୟୋଗ କହିଛି ମିଥ୍ୟା ସୂଚନା ପ୍ରସାର କରୁଥିବା କୌଣସି ଏଆଇ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ ।

## ଛତିଶଗଡ ବ୍ଲାଷ୍ଟ

ଛତିଶଗଡର ବିଜାପୁର ଜିଲ୍ଲାରେ ଆଇ.ଇ.ଡି ବିସ୍ଫୋରଣରେ ୨ଜଣ ସିଆର୍‌ପିଏଫ୍ ଜବାନ ଆହତ ହୋଇଛନ୍ତି । ଜିଲ୍ଲାର ବାସାଗୁଡ଼ା ଅଞ୍ଚଳରେ ସୁରକ୍ଷାବାହିନୀ ପକ୍ଷରୁ କମ୍ବିଂ ଅପରେସନ ବେଳେ ଏହି ବିସ୍ଫୋରଣ ଘଟିଥିଲା । ଆହତ ଜବାନମାନଙ୍କୁ ଉଦ୍ଧାର କରାଯାଇଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ

ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ଜନସାଧାରଣ ନିଜର ମତାମତ ଆସନ୍ତାକାଲି ସୁଦ୍ଧା ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ହକି

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଆଜି କଳିଙ୍ଗ ଲାନ୍‌ସର୍ସ୍ ଓ ଏସ୍.ଜି. ପାଇପର୍ସ୍ ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ମୁକାବିଲା ହେବ ।

ଗତକାଲିର ମ୍ୟାଚ୍‌ରେ ସ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ୫-୩ ଗୋଲ୍‌ରେ ୟୁ.ପି. ରୁଦ୍ରାସ୍‌କୁ ପରାସ୍ତ କରିଛି ।

ମହିଳା ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚି ସ୍ଥିତ ମାରଙ୍ଗଗୋମକେ ଜୟପାଲ୍ ସିଂହ ହକି ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୨-୧

ଗୋଲ୍‌ରେ ଓଡ଼ିଶା ୱାରିୟର୍ସ୍‌କୁ ପରାସ୍ତ କରିଛି । ଆଜି ସନ୍ଧ୍ୟା ୬ଟାରେ ସ୍ୱାଟୀ ରାର୍ ବେଙ୍ଗଲ ଟାଇଗର୍ସ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ମୁକାବିଲା ହେବ ।

## ଆଇଏସ୍‌ଏଲ୍ ଫୁଟବଲ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ୍‌ରେ ଆଜି ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ମୁମ୍ବାଇ ସିଟି ଏଫ୍.ସି. ଏବଂ ପଞ୍ଜାବ ଏଫ୍.ସି. ମଧ୍ୟରେ ମୁକାବିଲା ହେବ । ପୂର୍ବରୁ ପଞ୍ଜାବ ଏଫ୍.ସି. ଶେଷ ଦୁଇଟି ଘରୋଇ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ବେଳେ ମୁମ୍ବାଇ ସିଟି ଏଫ୍.ସି. ଶେଷ ୫ଟି ମ୍ୟାଚ୍‌ରେ ଅପରାଜିତ ରହିବା ଧାରାକୁ ବଜାୟ ରଖିବ ବୋଲି ଚେଷ୍ଟା କରିବ । ଆଇ.ଏସ୍.ଏଲ୍. ମାନ୍ୟତାରେ ପଞ୍ଜାବ ଏଫ୍.ସି. ୧୪ଟି ମ୍ୟାଚ୍‌ରେ ୧୯ ପଏଣ୍ଟ ସହ ନବମ ସ୍ଥାନରେ ରହିଥିବା ବେଳେ ମୁମ୍ବାଇ ସିଟି ଏଫ୍.ସି ୧୫ଟି ମ୍ୟାଚ୍‌ରୁ ୨୩ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି ।